# NATIONAL NEWS BULLETIN (ODIA)
## 10th May - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଇନ୍ଧନର ସଂଯମତାପୂର୍ଣ୍ଣ ବ୍ୟବହାର ବର୍ତ୍ତମାନ ସମୟର ଆବଶ୍ୟକତା ।

— ତେଲଙ୍ଗାନାରେ ୯ ହଜାର ୪୦୦ କୋଟି ଟଙ୍କାର ବହୁବିଧ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଗୁଜରାଟର ସୋମନାଥ ଅମୃତ ପର୍ବ-୨୦୨୬ରେ ଯୋଗଦେବେ ।

- ଦେଶରେ ଗ୍ରୀଷ୍ମପ୍ରବାହ ଓ ସମ୍ଭାବ୍ୟ ବନ୍ୟା ସ୍ଥିତିର ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଉତ୍ତର ପ୍ରଦେଶ ସରକାରଙ୍କ ମନ୍ତ୍ରିମଣ୍ଡଳରେ ୬ ଜଣ ନୂଆ ମନ୍ତ୍ରୀଙ୍କୁ ଶପଥପାଠ କରାଇଲେ ରାଜ୍ୟପାଳ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍ ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କଲା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।

## ପି.ଏମ୍. - ହାଇଦ୍ରାବାଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତେଲଙ୍ଗାନାରେ ପ୍ରାୟ ୯ ହଜାର ୪୦୦ କୋଟି ଟଙ୍କା ସମ୍ବଳିତ ବହୁବିଧ ଭିତ୍ତିଭୂମି ଏବଂ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏଲହି ପ୍ରକଳ୍ପଗୁଡ଼ିକ ସଂଯୋଗୀକରଣକୁ ସୁଦୃଢ଼ କରିବା, ଦକ୍ଷତାର ଉନ୍ନତି, ସୁରକ୍ଷା ବୃଦ୍ଧି ଏବଂ ଲୋକଙ୍କପାଇଁ ଏକ ଉତ୍ତମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି । ଉନ୍ମୋଚିତ ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୱରାଙ୍ଗଲ୍‌ରେ ଥିବା ପି.ଏମ୍. ମିତ୍ର ପାର୍କ, ପ୍ରାୟ ୧ ହଜାର ୭୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ତଥା ଦେଶର ପ୍ରଥମ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବୟନଶିଳ୍ପ ପାର୍କ ରହିଛି ।

ପ୍ରଧାନମନ୍ତ୍ରୀ ହାଇଦ୍ରାବାଦ-ପାଣାଜୀ ଅର୍ଥନୈତିକ କରିଡରର ଅଂଶଭାବେ ଗୁଡ଼େବେଲୁର ଏବଂ ମହବୁବ୍‌ନଗର ମଧ୍ୟରେ ଜାତୀୟ ରାଜପଥ ୧୬୭ର ଚାରି ଲେନ୍ ଓ ସାଙ୍ଗାରେଡ୍ଡୀ ଜିଲ୍ଲାରେ ଜାହିରାବାଦ ଶିଳ୍ପାଞ୍ଚଳର ବିକାଶପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଏହାବ୍ୟତୀତ କାଜିପେଟ୍-ବିଜୟୱାଡ଼ା ରେଳ ମଲ୍ଟିଟ୍ରାକିଂ କରିଡରର ଅଂଶଭାବେ କାଜିପେଟ୍ ରେଳ ଅଣ୍ଡର ରେଳ ବାଇପାସ୍ ଓ ହାଇଦ୍ରାବାଦରେ ଏକ ନୂତନ ଗ୍ରୀନ୍‌ଫିଲ୍ଡ୍ ପେଟ୍ରୋଲିୟମ୍, ତୈଳ ଓ ଲୁବ୍ରିକ୍ୟାଣ୍ଟ ଟର୍ମିନାଲ୍ ସମେତ ଅନେକ ରେଳ ଓ ଲଜିଷ୍ଟିକ୍ସ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି ।

ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାରଙ୍କଦ୍ୱାରା ନିଆଯାଇଥିବା ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ପଶ୍ଚିମ ଏସିଆ ବିବାଦରୁ ସୃଷ୍ଟ ଶକ୍ତି ସଙ୍କଟକୁ ଭାରତ ପ୍ରଭାବଶାଳୀ ଭାବେ ପରିଚାଳନା କରୁଛି । ଇନ୍ଧନର ସଂଯମତାପୂର୍ଣ୍ଣ ବ୍ୟବହାର ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ଶ୍ରୀ ମୋଦି କହିଛନ୍ତି । ଆମଦାନୀ ହୋଇଥିବା ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକୁ କେବଳ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରାଯିବା ଉଚିତ, ଯାହା ବୈଦେଶିକ ମୁଦ୍ରା ସଞ୍ଚୟ କରିବାରେ ସାହାଯ୍ୟ କରିବ ଓ ଚାଲିଥିବା ବିବାଦ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବ ।

ଭାରତ ସୌରଶକ୍ତି ଉତ୍ପାଦନରେ ଏକ ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM on Energy)*** :........

ପ୍ରଧାନମନ୍ତ୍ରୀ ହାଇଦ୍ରାବାଦରେ ଏକ ଅତ୍ୟାଧୁନିକ ସୁପର ସ୍ପେଶିଆଲିଟି 'ସିନ୍ଧୁ ହସ୍ପିଟାଲ୍'କୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ୨୧ ଲକ୍ଷ

ବର୍ଗଫୁଟ୍ ଅଞ୍ଚଳରେ ବିସ୍ତାରିତ ୧୮ ମହଲା ବିଶିଷ୍ଟ ଏହି ହସ୍ପିଟାଲ୍ କ୍ୟାନ୍ସର ରୋଗର ଚିକିତ୍ସାପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ରହିଛି ।

## ପି.ଏମ୍. - ବେଙ୍ଗାଲୁରୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବେଙ୍ଗାଲୁରୁରେ ଆର୍ଟ ଅଫ୍ ଲିଭିଂର ୪୫ତମ ବାର୍ଷିକ ସମାରୋହରେ ଯୋଗ ଦେବା ସହ ଆର୍ଟ ଅଫ୍ ଲିଭିଂ ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ନବନିର୍ମିତ ଧ୍ୟାନମନ୍ଦିରର ଉଦ୍‌ଘାଟନ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ସେବା, ଆଧ୍ୟାତ୍ମିକତା ଏବଂ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବାରେ ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେସନର ଭୂମିକାକୁ ପ୍ରଶଂସା କରିଥିଲେ ।

## ସୋମନାଥ ପର୍ବ

ଆନନ୍ଦ ଓ ଉତ୍ସାହର ସହ ଶିବଭୂମି ପ୍ରଥମ ଜ୍ୟୋତିର୍ଲିଙ୍ଗ ସୋମନାଥ ମନ୍ଦିରରେ 'ସୋମନାଥ ଅମୃତ ପର୍ବ-୨୦୨୬' ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଆସନ୍ତାକାଲି ଧ୍ୱଜପୂଜା ଏବଂ ମହାପୂଜା ମଧ୍ୟ କରାଯିବ । ସୋମନାଥ ଇତିହାସରେ ପ୍ରଥମଥର ପାଇଁ ୧୧ଟି

ତୀର୍ଥସ୍ଥଳରୁ ସଂଗୃହୀତ ପବିତ୍ର ଜଳରେ କୁମ୍ଭାଭିଷେକ ସହିତ ପୁନଃନିର୍ମିତ ସୋମନାଥ ମନ୍ଦିରର ଶିଖରକୁ ପବିତ୍ର କରାଯିବ । ୯୦ ମିଟର ଉଚ୍ଚତାର କ୍ରେନ୍ ବ୍ୟବହାର କରି ଏକ ବିଶାଳ ଆନୁଷ୍ଠାନିକ କୁମ୍ଭକୁ ମନ୍ଦିର ଶିଖରକୁ ଉଠାଯିବ । ବୈଦିକ ମନ୍ତ୍ର ମଧ୍ୟରେ ପବିତ୍ର ଜଳ ବିଧି ଅନୁଷ୍ଠିତ ହେବ । ସୋମନାଥ ଅମୃତ ପର୍ବ-୨୦୨୬ର ବିଶେଷ ଅବସରରେ ଭାରତୀୟ ବାୟୁସେନା ପକ୍ଷରୁ ପ୍ରଭାସପାଟନ୍‌ର ପବିତ୍ର ଭୂମିରେ ରୋମାଞ୍ଚକର ବିମାନ ଉଡ଼ାଣ କଳାକୌଶଳ ପ୍ରଦର୍ଶନ କରାଯିବ । ଆଜି ଏକ ହେଲିକପ୍ଟରରୁ ମନ୍ଦିର ଶିଖର ଉପରେ ପୁଷ୍ପବୃଷ୍ଟି କରାଯାଇଥିଲା ।

## ଏଚ୍.ଏମ୍. ରିଭ୍ୟୁ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଦେଶରେ ସମ୍ଭାବ୍ୟ ବନ୍ୟା ଏବଂ ଗ୍ରୀଷ୍ମପ୍ରବାହ ପରିସ୍ଥିତିର ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା କେନ୍ଦ୍ରୀୟ ସଂସ୍ଥାଗୁଡ଼ିକଦ୍ୱାରା ପ୍ରସ୍ତୁତିର ମୂଲ୍ୟାଙ୍କନ କରିଛନ୍ତି । ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ସମ୍ବଳ ନିୟୋଜନ ଏବଂ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟର ଶ୍ରୀ ଶାହା ସମୀକ୍ଷା କରିଥିଲେ । ବୈଠକରେ' ସମ୍ପତ୍ତିର ସର୍ବନିମ୍ନ କ୍ଷତି ଏବଂ ଶୂନ୍ୟ ଜୀବନହାନି ସୁନିଶ୍ଚିତ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଦେଶବ୍ୟାପୀ ନିଆଯାଇଥିବା ଦୀର୍ଘକାଳୀନ ବନ୍ୟା

ପ୍ରଶମନ ପଦକ୍ଷେପର ଅଗ୍ରଗତିର ମଧ୍ୟ ସମୀକ୍ଷା ହୋଇଥିବା ଜଣାପଡ଼ିଛି । ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ସୁରକ୍ଷା, ନଦୀ ପରିଚାଳନା ପଦକ୍ଷେପ, ପାଣିପାଗ ପୂର୍ବାନୁମାନର ବୈଜ୍ଞାନିକ ଅଗ୍ରଗତି ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ମଧ୍ୟ ସମୀକ୍ଷା କରିଛନ୍ତି । ଏହାବ୍ୟତୀତ ଜୀବନହାନି ରୋକିବାପାଇଁ ସାମୂହିକ ସଚେତନତା, ସ୍ଥିରତା ନିର୍ମାଣ କାର୍ଯ୍ୟକ୍ରମ ଏବଂ ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ଓ ଡାକ୍ତରୀ ପ୍ରସ୍ତୁତି ଉପରେ ବୈଠକରେ ଆଲୋଚନା ହୋଇଥିଲା ।

## ଏମ୍.ପି. - ଚିତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ମସିହା ସେପ୍ଟେମ୍ବର ମାସରେ ନାମିବିୟାରୁ ଅଣାଯାଇଥିବା ୮ଟି ଚିତାବାଘକୁ କୁନୋ ଜାତୀୟ ଉଦ୍ୟାନରେ ଛାଡ଼ି ପ୍ରୋଜେକ୍ଟ ଚିତା ଆରମ୍ଭ କରିଥିଲେ । ଏହି ପର୍ଯ୍ୟାୟକ୍ରମେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଆସନ୍ତାକାଲି କୁନୋ ଜାତୀୟ ଉଦ୍ୟାନରେ ଦୁଇଟି ଚିତାବାଘ ଛାଡ଼ିବେ । ୨୦୨୩ରେ ଦକ୍ଷିଣ ଆଫ୍ରିକାରୁ ୧୨ଟି ଏବଂ ଚଳିତ ବର୍ଷ ଫେବୃୟାରୀ ମାସରେ ବୋତ୍ସୁଆନାରୁ ଆଉ ୯ଟି ଚିତା ଅଣାଯାଇଥିଲା । ୨୦୨୩ ମସିହା ମାର୍ଚ୍ଚ ମାସରେ ମାଈ ଚିତାବାଘ ଜ୍ୱାଲା ବିଗତ ୭୦ ବର୍ଷ ମଧ୍ୟରେ ଭାରତରେ  ପ୍ରଥମ ଚିତାଶାବକଙ୍କୁ ଜନ୍ମ ଦେଇଥିଲା । ୨୦୨୫ ମସିହା ନଭେମ୍ବର ମାସରେ ଭାରତରେ ଜନ୍ମିତ ଚିତା

'ମୁଖୀ' ମଧ୍ୟ ଶାବକଙ୍କୁ ଜନ୍ମ ଦେଇଥିଲା, ଯାହା ଏହି ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ବର୍ତ୍ତମାନ ସୁଦ୍ଧା ଭାରତରେ ୩୭ରୁ ଅଧିକ ଚିତାଶାବକ ଜନ୍ମ ନେବା ସହ କୁନୋ ଜାତୀୟ ଉଦ୍ୟାନରେ ମୋଟ୍ ଚିତା ସଂଖ୍ୟା ୫୭କୁ ବୃଦ୍ଧି ପାଇଛି ।

## ୟୁ.ପି. କ୍ୟାବିନେଟ୍ ଏକ୍ସପ୍ୟାନ୍‌ସନ୍

ଉତ୍ତର ପ୍ରଦେଶରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିଛନ୍ତି । ୬ ଜଣ  ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଏଥିସହ ଦୁଇଜଣ ରାଷ୍ଟ୍ରମନ୍ତ୍ରୀଙ୍କୁ ଉନ୍ନୀତ କରାଯାଇ ସ୍ୱାଧୀନ ଦାୟିତ୍ୱ ଦିଆଯାଇଛି । ଲକ୍ଷ୍ନୌର ଜନଭବନରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ପୂର୍ବତନ ବି.ଜେ.ପି. ରାଜ୍ୟ ସଭାପତି ଭୁପେନ୍ଦ୍ର ଚୌଧୁରୀ ଏବଂ ବି.ଜେ.ପି. ନେତା ମନୋଜ ପାଣ୍ଡେଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିବାବେଳେ ରାଷ୍ଟ୍ରମନ୍ତ୍ରୀ ଅଜିତ୍ ପାଲ୍ ସିଂହ ଏବଂ ସେମେନ୍ଦ୍ର ତୋମାରଙ୍କୁ ପଦୋନ୍ନତି ଦିଆଯାଇ ସ୍ୱାଧୀନ ମନ୍ତ୍ରୀ ଦାୟିତ୍ୱ ମିଳିଛି । ଏହି ସମ୍ପ୍ରସାରଣ ସହିତ ୪୦୩ ସଦସ୍ୟ ବିଶିଷ୍ଟ ଉତ୍ତର ପ୍ରଦେଶ ବିଧାନସଭାରେ ମନ୍ତ୍ରୀ ପରିଷଦ ସଂଖ୍ୟା ୬୦କୁ ବୃଦ୍ଧି ପାଇଛି ।

## ପଞ୍ଜାବ - ଇ.ଡି. କଷ୍ଟୋଡି

ଗୁରୁଗ୍ରାମର ଏକ ସ୍ୱତନ୍ତ୍ର ପି.ଏମ୍.ଏଲ୍.ଏ. କୋର୍ଟ ପଞ୍ଜାବ ଶିକ୍ଷମନ୍ତ୍ରୀ ସଞ୍ଜିବ ଆରୋରାଙ୍କୁ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ - ଇ.ଡି.କୁ ୭ ଦିନିଆ ରିମାଣ୍ଡରେ ନେବାପାଇଁ ଅନୁମତି ପ୍ରଦାନ କରିଛନ୍ତି । ଇ.ଡି. ଗତକାଲି ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦ୍ରବ୍ୟ ଓ ସେବା କର - ଜି.ଏସ୍.ଟି. କାରବାରରେ ଠକେଇ ସହ ଜଡ଼ିତ ଏକ ମାମଲାରେ ଚଣ୍ଡୀଗଡ଼ରୁ ସଞ୍ଜୀବ ଆରୋରାଙ୍କୁ ଗିରଫ କରିଥିଲା ।

## ସଣ୍ଡେଜ୍ ଅନ୍ ସାଇକେଲ୍

ଫିଟ୍ ଇଣ୍ଡିଆ 'ସଣ୍ଡେଜ୍ ଅନ୍ ସାଇକେଲ୍'ର ୭୩ତମ ସଂସ୍କରଣ ଆଜି ଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ରେ ଆୟୋଜିତ ହୋଇଯାଇଛି । ଦେଶବ୍ୟାପୀ ଆୟୋଜିତ ହେଉଥିବା 'ସଣ୍ଡେଜ୍ ଅନ୍ ସାଇକେଲ୍' ଏକ ଆନ୍ଦୋଳନରେ ପରିଣତ ହୋଇଛି । କାର୍ଯ୍ୟକ୍ରମରେ ପ୍ରତିରକ୍ଷା ବାହିନୀର କର୍ମଚାରୀମାନେ ନାଗରିକମାନଙ୍କ ସହ ଯୋଗ ଦେଇଥିଲେ । ୮୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସ୍ଥଳସେନା, ନୌସେନା ଏବଂ ବାୟୁସେନାରୁ

୨୦ ଜଣ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିଟ୍ ଇଣ୍ଡିଆ ସାଇକ୍ଲିଙ୍ଗ୍ ଫେଡ଼େରେସନ ଅଫ୍ ଇଣ୍ଡିଆ – ସି.ଏଫ୍.ଆଇ.ର ସହଯୋଗରେ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟଦ୍ୱାରା ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍ ଆୟୋଜିତ ହେଉଛି ।

## ମିଜୋରାମ – ଆୱାର୍ଡ଼

ମିଜୋରାମର କୌର୍ଥା ଉତ୍ତର ଗ୍ରାମ ପରିଷଦ' ସ୍ଥାୟୀ ଗ୍ରାମୀଣ ବିକାଶ ଏବଂ ପରିବେଶ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟପାଇଁ ଦୀନଦୟାଲ୍ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର–୨୦୨୬ର 'ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ' ବର୍ଗରେ ଜାତୀୟ ସ୍ତରରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛି । ପଞ୍ଚାୟତିରାଜ ମନ୍ତ୍ରଣାଳୟଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାର ପରିମଳ, ପରିବେଶଗତ ସନ୍ତୁଳନ ଏବଂ ସମ୍ପ୍ରଦାୟ କଲ୍ୟାଣରେ ଉତ୍କର୍ଷତାକୁ ସ୍ୱୀକୃତି ପ୍ରଦାନ କରିଥାଏ ।

## ପାକିସ୍ତାନ – ସୁଇସାଇଡ୍ ଆଟାକ୍

ପାକିସ୍ତାନରେ ଖାଇବର ପଖତୁନ୍‌ଖ୍ୱା ପ୍ରଦେଶର ଏକ ପୁଲିସ୍ ପୋଷ୍ଟରେ ଆତ୍ମଘାତୀ ଆକ୍ରମଣରେ ୧୫ ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିବା ସହ

ଅନେକ ଆହତ ହୋଇଛନ୍ତି । ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗତକାଲି ସୁରକ୍ଷା କର୍ମୀମାନେ ପୁଲିସ୍ ପୋଷ୍ଟ ନିକଟକୁ ଆସୁଥିବା ଏକ ବିସ୍ଫୋରକ ସାମଗ୍ରୀ ବୋଝେଇ ଗାଡ଼ି ଉପରେ ଗୁଳି ଚାଳନା କରିବା ଫଳରେ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ପରେ ବନ୍ଧୁକଧାରୀଙ୍କ ଏକ ବଡ଼ ଦଳ ପୁଲିସ୍ ପୋଷ୍ଟ ଉପରେ ଆକ୍ରମଣ କରିଥିଲେ । ଉଭୟ ପକ୍ଷ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା । ଏହି ଶକ୍ତିଶାଳୀ ବିସ୍ଫୋରଣରେ ପୁଲିସ୍ ପୋଷ୍ଟ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି ଏବଂ ଅନେକ ସୁରକ୍ଷା କର୍ମୀ ଭଗ୍ନାବଶେଷ ତଳେ ଚାପିହୋଇ ରହିଥିବା ଜଣାପଡ଼ିଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରାୟପୁରର ଶହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଆଜିର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଆଜିର ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ଦ୍ୱାରା ଧାର୍ଯ୍ୟ ୨୦୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଚେନ୍ନାଇ ସୁପର କିଙ୍ଗ୍‌ସ ସମ୍ବାଦ ପ୍ରସ୍ତୁତ

ହେଲାବେଳକୁ ୧୫ ଓଭର୍‌ରେ ୩ଟି ଓ୍ୱିକେଟ୍ ହରାଇ ୧୬୫ ରନ୍ ସଂଗ୍ରହ କରିଛି ।

*****